## ସଂକ୍ଷେପରେ

### ମଦ ଜବତ, ୭ ଗିରଫ



ଆଠମଲ୍ଲିକ/ବଇଣ୍ଡା, ୩।୧୨ (ଡି.ଏନ.ଏ.)- ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଠାକୁରଗଡ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୧୦୨ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହିତ ଏଥିରେ ସମ୍ପୃକ୍ତି ଅଭିଯୋଗରେ କନ୍ତପଡା ଗ୍ରାମର ପଞ୍ଚୁ ସେଠୀ, କନକ ସାହୁ, ଦିଲୀପ ସେଠୀ, ଚନ୍ଦ୍ରମଣି ସେଠୀ ଓ ଟାପଢୋଲ ଗ୍ରାମର ଦୁର୍ଯ୍ୟୋଧନ ନାୟକଙ୍କୁ ଗିରଫ କରାଯାଇଛି। ଅବକାରୀ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ସହକାରୀ ନିରୀକ୍ଷକ ରମାକାନ୍ତ ଚାନ୍ଦ, ଅରୁଣ ଚାଉଳିଆ, ଆରକ୍ଷୀ ହରିହର ପରିଡା, ଶମ୍ଭୁପ୍ରସାଦ ନାଏକ, ମନୋଜ ବେହେରା, ସଂଯୁକ୍ତା ସାହୁ ପ୍ରମୁଖ ଚଢ଼ାଉରେ ସହଯୋଗ କରିଥିଲେ। ସେହିପରି ହଣ୍ଡପା ଓ ବଇଣ୍ଡା ଫାଣ୍ଡି ପୋଲିସ ମଙ୍ଗଳବାର ଧଉରାଗୋଠ ଗ୍ରାମରେ ଚଢାଉ କରି ଦେବଶ୍ରୀ ପ୍ରଧାନଙ୍କ ଘରୁ ୪ ଲିଟର, କଦଳୀମୁଣ୍ଡା ଗ୍ରାମର କୃଷ୍ଣ ପ୍ରଧାନଙ୍କ ଘରୁ ୫ ଲିଟର ଦେଶୀ ମଦ ଜବତ କରାଯିବା ସହ ଉଭୟଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୨୧୩/୧୯, ୨୧୪/୧୯ରେ ମାମଲା ରୁଜୁ କରାଯାଇଛି।

■ମିଶ୍ରପଡ଼ାରେ ଏମ୍‌ସିସି ନିର୍ମାଣକୁ ବିରୋଧ ଜାରି

# ସଚେତନ କରି ନ ପାରି ଫେରିଲେ ପୌର କର୍ତ୍ତୃପକ୍ଷ

**ଅନୁଗୋଳ ଅଫିସ, ୩।୧୨**

ଅନୁଗୋଳ ପୌରାଞ୍ଚଳର ମିଶ୍ରପଡ଼ା ହାଇଟେକ୍ ନର୍ସରୀ ନିକଟରେ ନିର୍ମାଣ ହେବାକୁ ଥିବା ମାଇକ୍ରୋ କମ୍ପୋଷ୍ଟି ସେଣ୍ଟର(ଏମ୍‌ସିସି)କୁ ବିରୋଧ ଜାରି ରହିଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ଣରେ ଆଲୋଚନା ପାଇଁ ପୂର୍ବରୁ ସମୟ ଧାର୍ଯ୍ୟ କରାଯାଇଥିଲେ ବି ବୈଠକ ହୋଇପାରି ନାହିଁ। ଏପରି କି ଲୋକଙ୍କୁ ସଚେତନ କରିବା ପାଇଁ ପୌର କର୍ତ୍ତୃପକ୍ଷ ପ୍ରସ୍ତୁତ କରିଥିବା ଭିଡିଓକୁ ମଧ୍ୟ କେହି ଦେଖିଲେ ନାହିଁ। ଏଠାରେ ଏମ୍‌ସିସି

■ଆଲୋଚନାକୁ ଆସିଲେନି ଲୋକେ
■ସଚେତନ ପାଇଁ ଦେଖିଲେନି ଭିଡିଓ
■କହିଲେ ପୌରପାଳିକା ଗୋ ବ୍ୟାକ୍

ନିର୍ମାଣ କରାଯାଇପାରିବ ନାହିଁ ବୋଲି ରୋକ୍‌ଠୋକ୍ କହିବା ସହ ଅନୁଗୋଳ ପୌରପାଳିକା ଗୋ ବ୍ୟାକ୍ ବୋଲି କହି ପ୍ରତିବାଦ କରିଥିଲେ। ଫଳରେ ଲୋକଙ୍କୁ



ମିଶ୍ରପଡ଼ାବାସୀ ପୌରପାଳିକା କର୍ମଚାରୀଙ୍କୁ ବିରୋଧ କରୁଛନ୍ତି।

ସଚେତନ କରିବାକୁ ଯାଇଥିବା ପୌର କର୍ତ୍ତୃପକ୍ଷ ବାଧ ହୋଇ ମିଶ୍ରପଡ଼ାରୁ ଫେରିଆସିଥିଲେ। ଘଟଣା ସମ୍ପର୍କରେ ପୌରପାଳିକା ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଅନୁଗୋଳ ପୌରପାଳିକା ପକ୍ଷରୁ ସହରର ୩ଟି ସ୍ଥାନରେ ଏମ୍‌ସିସି ନିର୍ମାଣ କରାଯିବ। ହୁଲୁରୁସିଂହାରେ ଏହି ନିର୍ମାଣ ଚାଲୁଥିବାବେଳେ ହେମସୁରପଡ଼ା ଦୁର୍ଗାମଣ୍ଡପ ଠାରେ କାର୍ଯ୍ୟ ଆରମ୍ଭ ହୋଇନାହିଁ। ତେବେ ମିଶ୍ରପଡ଼ାରେ ନିର୍ମାଣ ପୂର୍ବରୁ ପୌରପାଳିକାକୁ ଜୋରଦାର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଗତ ଗୁରୁବାର ସ୍ଥାନୀୟ ଲୋକେ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ଏହାପରେ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ବସିଥିଲା। ଏମ୍‌ସିସିର କାର୍ଯ୍ୟ ସମ୍ପର୍କରେ ମଙ୍ଗଳବାର ଲୋକଙ୍କୁ ଭିଡିଓ ମାଧ୍ୟମରେ ସଚେତନ କରିବା ସହ ପୋଷ୍ଟର ମାରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଆଜି ପୌର କର୍ତ୍ତୃପକ୍ଷ ଦଳ ବଳ ଧରି ହାଇଟେକ୍ ନର୍ସରୀ ନିକଟକୁ ଯାଇଥିଲେ ମଧ୍ୟ ଲୋକଙ୍କ ବିରୋଧର ଶିକାର ହୋଇଥିଲେ। ଏପରି କି କୌଣସି ଆଲୋଚନା କରାଯିବ ନାହିଁ ବୋଲି ଲୋକମାନେ ସିଧାସଳଖ ଭାବେ କହିଥିଲେ। ପୌର କର୍ତ୍ତୃପକ୍ଷ ପାରାଦୀପ ଯାଇ ଆଣିଥିବା ଏମ୍‌ସିସିର ଭିଡିଓକୁ ମଧ୍ୟ ସ୍ଥାନୀୟ ଲୋକେ ଦେଖିବାକୁ ମନା କରିଦେଇଥିଲେ। ଏ ନେଇ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଲୋକମାନେ ବିରୋଧ କରିବାରୁ ଫେରିଆସିଲୁ। କୌଣସି କଥା ସେମାନେ ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ଏ ନେଇ ଜିଲାପାଳଙ୍କୁ ଅବଗତ କରିବୁ। ସେ ଯାହା ପଦକ୍ଷେପ ନେବେ ତାକୁ ଅପେକ୍ଷା କରିବୁ ବୋଲି ପଣ୍ଡା କହିଛନ୍ତି।

■ପରିବହନ କାର୍ଯ୍ୟାଳୟରେ ଲମ୍ବା ଧାଡ଼ି

# ଲର୍ନିଂ ପାଇଁ ବଢୁଛି ଭିଡ଼

**ଅନୁଗୋଳ ଅଫିସ, ୩।୧୨**

ନୂତନ ମୋଟର ଯାନ ଆଇନ-୨୦୧୯ ସେପ୍ଟେମ୍ବରରୁ ଲାଗୁ ପରଠାରୁ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଗହଳି ଲାଗିରହୁଛି। ୩ ମାସର ମହଲତ ପରେ ଡିସେମ୍ବର ୧ରୁ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ଘୋଷଣା ହେବା ପରେ ସହରବାସୀ ଗାଡ଼ି କାଗଜପତ୍ର ଠିକ୍ କରିବା, ଲାଇସେନ୍ସ ପ୍ରସ୍ତୁତ କରିବା ପାଇଁ ଆରଟିଓ ଅଫିସରେ ଲମ୍ବା ଧାଡ଼ି ଲାଗୁଥିବା ଦେଖିବାକୁ ମିଳୁଛି।

ରାତି ପାହିବାକ୍ଷଣି ଜିଲାର ବିଭିନ୍ନ ସ୍ଥାନରୁ ଲୋକମାନେ ଆରଟିଓ କାର୍ଯ୍ୟାଳୟ ମୁହାଁ ହେଉଛନ୍ତି। ଖାସ୍‌କରି ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ଓ ଲର୍ନିଂ ଲାଇସେନ୍ସ (ଏଲ୍‌ଏଲ୍) ପାଇଁ ବହୁ ସଂଖ୍ୟାରେ ଲୋକେ ଭିଡ଼ ଲଗାଉଛନ୍ତି। ଏଥିସହ ଗାଡ଼ିର ପ୍ରଦୂଷଣ ଟେଷ୍ଟ କରିବାକୁ ମଧ୍ୟ ଗହଳି ଦେଖିବାକୁ ମିଳୁଛି। ନୂତନ ମୋଟରଯାନ ଆଇନ ଲାଗୁ ପରେ ନଭେମ୍ବର ୨୫ ସୁଦ୍ଧା ୨୬୫୪୧ ଜଣ ଲର୍ନିଂ ଲାଇସେନ୍ସ(ଏଲଏଲ) ପାଇଁ ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୧୩୨୭୯ ଜଣ ପାଇଛନ୍ତି। ସେହିପରି ଡିଏଲ ପାଇଁ ୯୦୧୬ ଜଣ ଆବେଦନ କରିଥିବାବେଳେ ୬୩୫୮ ଜଣ ପାଇଥିବା ଆରଟିଓ କାର୍ଯ୍ୟାଳୟରୁ ସୂଚନା ମିଳିଛି। ତେବେ ଇତିମଧ୍ୟରେ ପାଖାପାଖି ୬ଶହ ଲୋକଙ୍କ ପେଟ୍ରୋଲ ଗାଡ଼ିର ପ୍ରଦୂଷଣ ଯାଞ୍ଚ ସରିଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ପୋଲିସ ସହରରେ ହେଲମେଟ ଚେକିଂକୁ ପୂର୍ବରୁ କଡ଼ାକଡ଼ି କରିଥିବାବେଳେ ଏବେ ତାହା ଶିଥିଳ ପଡ଼ିଥିବା ଲକ୍ଷ୍ୟ କରାଯାଉଛି। ତେବେ ଆଗାମୀ ଦିନରେ ଚେକିଂକୁ ଜୋରଦାର କରାଯିବ ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି।

## ଚେକିଂରୁ ଖସିବା ବେଳେ ଦୁର୍ଘଟଣା

**ଅନୁଗୋଳ ଅଫିସ, ୩।୧୨**

ଅନୁଗୋଳ ଥାନା ଛକରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ବାଇକ୍ ଆରୋହୀ ବିନା ହେଲମେଟରେ ଯାଉଥିବା ବେଳେ ଏମ୍‌ଭିଆଇ ଚେକିଂରେ ଥିବା ପୋଲିସ ତାଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେ ରଙ୍ଗ ରୁଟ୍ ଦେଇ ଖସିଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ତଳେ ପଡ଼ିଯାଇଥିଲେ। ସୌଭାଗ୍ୟବଶତଃ ସେହି ରାସ୍ତାରେ ଆସୁଥିବା ଏକ ଟ୍ରକ୍ ଜୋରଦାର ବ୍ରେକ ଲଗାଇ ରହିଯିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଜୀବନ ରକ୍ଷା ହୋଇଯାଇଥିଲା।

## ପଥର ବ୍ଲାଷ୍ଟିଂକୁ ନେଇ ଜିଲାପାଳଙ୍କୁ ଅଭିଯୋଗ

ବଇଣ୍ଡା,୩।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ଜାମ୍ବୁନାଳୀ ପଞ୍ଚାୟତରେ ଥିବା ଜାମ୍ବୁନାଳୀ ପାହାଡ଼ରେ ବ୍ଲାଷ୍ଟିଂ କରାଯାଉଛି। ଏ ନେଇ ମଙ୍ଗଳବାର ନାଗା ଝରଣ ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଠିକାସଂସ୍ଥା ପକ୍ଷରୁ ଜାମ୍ବୁନାଳୀ ଗ୍ରାମରେ ଏକ କ୍ରଶର ସ୍ଥାପନ ହୋଇଛି। ଉକ୍ତ କ୍ରଶର ନିକଟରେ ଥିବା ପାହାଡ଼ରୁ ପ୍ରତିଦିନ ଠିକାସଂସ୍ଥା ପକ୍ଷରୁ ଚୋରାରେ ବଡ଼ ବଡ଼ ପଥର ବ୍ଲାଷ୍ଟ କରାଯାଇ ଚାଲାଣ କରାଯାଉଛି। ପଥର ବ୍ଲାଷ୍ଟ କରାଯାଉଥିବା ଯୋଗୁ ନାଗାଝରଣ, ଖଣ୍ଡବର, ଜାମ୍ବୁନାଳୀ ଗ୍ରାମରେ ଥିବା ଘର ଗୁଡ଼ିକର କାନ୍ଥ ଫାଟି ଯାଉଛି। ବିଳମ୍ବିତ ରାତିରେ ବାରୁଦ ସାହାଯ୍ୟରେ ପଥର ଗୁଡ଼ିକ ବିସ୍ଫୋରଣ କରାଯାଉଥିବା ଯୋଗୁ ଛୋଟଛୋଟ ପଥର ଘର ଅଗଣାରେ ପଡ଼ୁଛି। ଏପରିକି ବହୁ ଜୋରରେ ଶବ୍ଦ ମଧ୍ୟ ସୃଷ୍ଟି ହେଉଛି। ପ୍ରତ୍ୟେକଦିନ ଠିକାସଂସ୍ଥା ପକ୍ଷରୁ ଏଭଳି କରାଯାଉଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଅନେକେ ପଥର ଚୋରା ଚାଲାଣ ହେଉଛି। ତୁରନ୍ତ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ବେଆଇନ ପଥର ବ୍ଲାଷ୍ଟିଂକୁ ରୋକିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ କୁହନ୍ତି, ବେଆଇନ ପଥର ବ୍ଲାଷ୍ଟିଂ ଉପରେ ତଦନ୍ତ କରାଯିବ। କେଉଁ ବ୍ୟକ୍ତିଙ୍କ ଘର ଫାଟିଛି ସେ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରାଯିବ। ସେହିପରି ଲୋକଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାସହ ବେଆଇନ ପଥର ଖନନ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯିବ।

## ତାଲିମ ନେଲେ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା



ଗୋଷ୍ଠୀ ସଭ୍ୟାଙ୍କୁ ତାଲିମ ଦିଆଯାଉଛି।

**ବଇଣ୍ଡା,୩।୧୨(ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ଗଠିତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସୁପରିଚାଳନା କିଭଳି ହେବ ସେ ନେଇ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ସୋମବାର କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ କ୍ଷେତ୍ରପାଳ ଡାଙ୍ଗିନଳା ସାହି ନିକଟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪୦ ଜଣ ସଭ୍ୟା ଯୋଗ ଦେଇଥିଲେ। ଆରତୀ ନାୟକ, ଗୀତାଞ୍ଜଳି ସାହୁ ପ୍ରଶିକ୍ଷକ ଭାବେ ଯୋଗଦେଇ ସ୍ୱଂୟ ସହାୟକ ଗୋଷ୍ଠୀର ଉଦ୍ଦେଶ୍ୟ, ଗଠନ ପ୍ରଣାଳୀ ପରିଚାଳନା, ନଥି ପତ୍ର ପରିଚାଳନା, ସଙ୍ଗଠନ ପରିଚାଳନା, ସରକାରୀ କାର୍ଯ୍ୟକ୍ରମରେ ସହଭାଗିତା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପରିଚାଳନା କରିଥିଲେ। ସ୍ୱର୍ଣ୍ଣପ୍ରଭା ବେହେରା, ଅଭୟ ଚରଣ ସ୍ୱାଇଁ ସହଯୋଗ କରିଥିଲେ।

## ରାଇଝରଣରେ ଭାଜପାର ବୈଠକ

**ଛେଣ୍ଡିପଦା,୩।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ରାଇଝରଣ ପଞ୍ଚାୟତ ଡ୍ୟାମ୍ ନିକଟରେ ସୋମବାର ଭାଜପାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଭାଜପାର ବରିଷ୍ଠ କର୍ମୀ ବନବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଜିଲା ସମ୍ପାଦକ ବିଜୟ ମାଝି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ନାଏକ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ଭାଜପାର ସଂଗଠନକୁ କିପରି ମଜଭୁତ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ଏଥିସହିତ ବୁଥ କମିଟି ଗଠନ କରାଯାଇଥିଲା। ସେହିପରି କୋଶଳାଠାରେ ପ୍ରତିଷ୍ଠା ହୋଇଥିବା ୩୩କେଭି ବିଦ୍ୟୁତ୍ ୧୧କେଭିକୁ ସଂଯୋଗ କରାଯାଉ ନ ଥିବାରୁ ଆନ୍ଦୋଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଡମ୍ପିଂକୁ ବିରୋଧ, ସୁଇପରଙ୍କୁ ଫେରାଇଦେଲେ

**ତାଳଚେର,୩।୧୨(ନି.ପ୍ର.)**

ତାଳଚେର ପୌରପରିଷଦ ୧୫ ନମ୍ବର ୱାର୍ଡର ଲିଙ୍ଗରାଜ ରୋଡ ନିକଟରେ ପରିଷଦ ପକ୍ଷରୁ ଅଳିଆ ଡମ୍ପିଂ କରାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ଅଞ୍ଚଳବାସୀ ଏହାକୁ ଦୃଢ଼ ବିରୋଧ କରିବା ସହିତ ଅଳିଆ ପକାଇବାକୁ ଦେଇ ନ ଥିଲେ। ପ୍ରକାଶ ଯେ, ଦେଉଳବେଡ କଲିୟାରୀ ଛକ ଓ ଲିଙ୍ଗରାଜ ରୋଡ୍ ନିକଟ ପ୍ରସ୍ତାବିତ କଲ୍ୟାଣମଣ୍ଡପ ସ୍ଥାନରେ କିଛିଦିନ ହେଲା ଅଳିଆ ଡମ୍ପିଂ କରାଯାଉଛି। ଏହି ସ୍ଥାନ ନିକଟରେ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ, ବସ୍‌ଷ୍ଟାଣ୍ଡ, ଶିବ ମନ୍ଦିର, ଇଲେକ୍ଟ୍ରିଅଫିସ, ଏସ୍‌ଡିପିଓ ଅଫିସ ସହିତ ବସ୍ତି ଅଞ୍ଚଳ ରହିଛି। ତେଣୁ ଏଠାରେ ଅଳିଆ ଜମା କରାଯିବା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାକୁ ବନ୍ଦ କରା ନ ଗଲେ ଆଗାମୀ ଦିନରେ ପରିବେଶ ଭୟଙ୍କର ଭାବେ ପ୍ରଦୂଷିତ ହେବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିବା ସହ ଡମ୍ପିଂକୁ ବିରୋଧ କରିଛନ୍ତି। ପୌର ପରିଷଦ ଉଚିତ ପଦକ୍ଷେପ ନେବାକୁ କାଉନସିଲର ବିଦ୍ୟାଧର ସେଠୀ, ପ୍ରସନ୍ନ କୁମାର ପତି, ଦେବାଶିଷ ଘୋଷ, ରାଜୁ ସିଂହ, ବାସନ୍ତୀ ବେହେରା, ରଞ୍ଜନ କୁମାର ପାଢୀ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅତସି ପରିଡା କହିଛନ୍ତି, ଉକ୍ତ ସ୍ଥାନରେ ଅସ୍ଥାୟୀ ଭାବେ ଡମ୍ପିଂ କରାଯାଉଥିଲା। ବିରୋଧ କରାଯାଉଥିବାରୁ ଏହାକୁ ବନ୍ଦ କରିଦିଆଯିବ।

## ଶତାୟୁ ସଂଗ୍ରାମୀଙ୍କୁ କଣିହାଁ ଗୌରବ ସମ୍ମାନ

**କଣିହାଁ,୩।୧୨(ଡି.ଏନ.ଏ.)**

ତାଳଚେର ଗଡ଼ଜାତ ଓ ସ୍ୱାଧୀନତା ଆନ୍ଦୋଳନର ସାରଥି କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମର ଶତାୟୁ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କୁ କଣିହାଁ ପବିତ୍ରମୋହନ ନାଗରିକ ମଞ୍ଚ ଓ ପୁସ୍ତକ ମେଳା କମିଟି ତରଫରୁ ମଙ୍ଗଳବାର ଅପରାହ୍ଣରେ କଣିହାଁ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ସଂଗ୍ରାମୀ ପ୍ରଧାନ ଯୁବକ ଅବସ୍ଥାରୁ ରାଜତନ୍ତ୍ର ଓ ଇଂରେଜ ଶାସନରୁ ମୁକ୍ତି ପାଇଁ ଲଢେଇ କରି କାରାବରଣ ସହିତ ଅନେକ ନିର୍ଯାତନାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ନ ଥିଲେ। ସ୍ୱାଧୀନତା ପରେ କଣିହାଁ ବ୍ଲକ ଚେୟାରମ୍ୟାନ ଦାୟିତ୍ୱରେ ରହି ଅନେକ ଜନହିତକର କାମ କରିଥିବାବେଳେ ବର୍ତ୍ତମାନ ୧୦୨ ବର୍ଷରେ ଭଗବତ ଗୀତାଜ୍ଞାନ ପ୍ରଦାନ କରୁଛନ୍ତି। ମଙ୍ଗଳବାର ତାଙ୍କ ବାସଭବନରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମଞ୍ଚ ସଭାପତି ପ୍ରହ୍ଲାଦ ଚନ୍ଦ୍ର ପାଣି ପ୍ରମୁଖ ପହଞ୍ଚି ସମ୍ବର୍ଦ୍ଧିତ କରିଥିଲେ।



ଶତାୟୁ ସଂଗ୍ରାମୀଙ୍କୁ ଅନୁଗୋଳ ବିଧାୟକ ଓ ତାଳଚେର ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

## ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ

**ତାଳଚେର,୩।୧୨(ନି.ପ୍ର.)**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଅଶୋକ କୁମାର ଶର୍ମା ଯୋଗଦେଇ ଏହି ପ୍ରଶିକ୍ଷଣକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅର୍ଥ ବିଭାଗ ମୁଖ୍ୟ ତ୍ରିପୁରାରୀ ନାଥ ଯୋଗଦେଇ ସାମ୍ପ୍ରତିକ ସମାଜରେ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଡ. କଳ୍ପନା ବୋଇତି, ସଂଯୁକ୍ତା ବେବର୍ତ୍ତା, ଅଧ୍ୟାପକ ଅନନ୍ତ କୁମାର ନାୟକ ପ୍ରମୁଖ ପ୍ରଶିକ୍ଷଣର ସଦ୍‌ବିନିଯୋଗ ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ବାସନ୍ତୀ ବଳିୟାର ସିଂହ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା ଅପସାନା ବେଗମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।




ମଞ୍ଚାସୀନ ଅତିଥିମାନେ।

# ମଧ୍ୟାହ୍ନଭୋଜନ ଯାଞ୍ଚ କଲେ ବିଧାୟକ

**ଛେଣ୍ଡିପଦା,୩।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ମଙ୍ଗଳବାର ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନ ଯାଇଥିଲେ। ଏହି ଅବସରରେ ଏକ ନୂତନ ଶ୍ରେଣୀ ଗୃହକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଶ୍ରେଣୀ ଗୃହର ଆବଶ୍ୟକତା ହେଉଥିବାରୁ ଜିଲା ଖଣିଜ ପାଣ୍ଠିରୁ ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲା। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାରଙ୍ଗଧର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ପୂର୍ବତନ ସରପଞ୍ଚ, ସମିତିସଭ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ବିଧାୟକ ବିଦ୍ୟାଳୟର ମଧ୍ୟାହ୍ନଭୋଜନକୁ ଯାଞ୍ଚ କରିଥିଲେ। ପରେ ପାଚିକାଙ୍କୁ ରୋଷେଇ ଘରକୁ ସଫା ସୁତରା ରଖିବା ସହିତ ଖାଦ୍ୟ ପ୍ରସ୍ତୁତବେଳେ ସତର୍କତା ଅବଲମ୍ବନ କରିବା ଓ ଠିକ୍ ସମୟରେ ରୋଷେଇ କରି ଛାତ୍ରୀଛାତ୍ରଙ୍କୁ ଦେବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତନ ସମିତିସଭ୍ୟ ସାରଥି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରଙ୍କ ଗହଣରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ବେଆଇନ ପଥର ଖନନ ବନ୍ଦ ଦାବି

**ବନ୍ତଲା,୩।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ଚମ୍ପତିମୁଣ୍ଡା ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ନନ୍ଦପୁର ପଞ୍ଚାୟତ ଚନ୍ଦନପୁର ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ପଥର ଖୋଳାଯାଇ ଚୋରା ଚାଲାଣ ହେଉଛି। ଏ ନେଇ ଚନ୍ଦନପୁର ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଗ୍ରାମରେ ସଂରକ୍ଷିତ ଜଙ୍ଗଲ ପାହାଡ଼କୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ନଷ୍ଟ କରୁଛନ୍ତି। ସେମାନେ ମେଶିନ ସାହାଯ୍ୟରେ ପାହାଡ଼ ଖନନ କରି ମୂଲ୍ୟବାନ ପଥର ଚୋରାରେ ବାହାରକୁ ଚାଲାଣ କରୁଛନ୍ତି। ଏ ନେଇ ରବିବାର ଗ୍ରାମବାସୀ ବିରୋଧ କରିବା ସହିତ ପଥରଖୋଳା ହାଇୱା ମେଶିନ ସହିତ ଟିପ୍ପରକୁ ଅଟକାଇ ଥିଲେ। ପରେ ଘଟଣା ସମ୍ପର୍କରେ ବନ୍ତଲା ପୋଲିସ, ତହସିଲଦାର, ଆରଆଇ, ଉପଜିଲାପାଳଙ୍କୁ ଜଣାଇଥିଲେ। ହେଲେ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ପରେ ମାଫିଆମାନେ ଗୁଣ୍ଡା ଲଗାଇ ଗ୍ରାମବାସୀଙ୍କୁ ଧମକ ଦେଇ ଭୟଭୀତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ପଦକ୍ଷେପ ନେବାକୁ ଗ୍ରାମ ସଭାପତି ଦାଶରଥି ଦେହୁରୀ, ସମ୍ପାଦକ ନରେଶ ନାୟକ, ଦେବାଶିଷ ପ୍ରଧାନ, ଦେବାଶିଷ ନାୟକ, ପ୍ରତାପ ଦେହୁରୀ, ଅନିଲ ସାହୁ, ସଞ୍ଜୟ ପରିଡା, ରାଜକିଶୋର ନାୟକ, ଦିଗାମ୍ବର ସାହୁ, ଭୋଲେଶ୍ୱର ପ୍ରଧାନ, ବିନୋଦ ନାୟକ, ମାନଶ ପରିଡ଼ା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଗ୍ରାମ ସଭାପତି ଦାଶରଥି ଦେହୁରୀ, ସମ୍ପାଦକ ନରେଶ ନାୟକ, ସଦସ୍ୟ, ଦେବାଶିଷ ପ୍ରଧାନ, ଅନିଲ ସାହୁ କହିଛନ୍ତି, ୧୦ ବର୍ଷ ପୂର୍ବେ ସୀମା ବିବାଦକୁ ନେଇ ଉଭୟ ପୁରୁଣାଗଡ଼ ବଡ଼ଦାଣ୍ଡ ସାହି ଓ ଚନ୍ଦନପୁର ଗ୍ରାମବାସୀଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ହୋଇ ସମାଧାନ ହୋଇଥିଲା। ପରେ ଉକ୍ତ ସ୍ଥାନରେ ପିଲର ପୋତା ଯାଇଥିଲା। କିନ୍ତୁ ରବିବାର ଜଣେ ପ୍ରଭାବଶାଳୀ ବ୍ୟକ୍ତି ମେଶିନ ସାହାଯ୍ୟରେ ପଥର ଖୋଳି ଗ୍ରାମ୍ୟ ଜଙ୍ଗଲରୁ ନେଉଥିବା ସମୟରେ ଗ୍ରାମବାସୀ ବିରୋଧ କରିଥିଲେ। ପରେ ପଥର ଖୋଳା ମେଶିନ, ହାଇୱାକୁ ଅଟକ ରଖି ପୋଲିସ, ତହସିଲଦାର, ଉପଜିଲାପାଳଙ୍କୁ ସୂଚନା ଦିଆଯିବା ସହ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। କିନ୍ତୁ କୌଣସି ଅଧିକାରୀ ଆସିଲେ ନାହିଁ। ସୋମବାର ଶତାଧିକ ଲୋକଙ୍କୁ ଧରି ଗ୍ରାମବାସୀଙ୍କୁ ଧମକ ଦେଇ ଜୋର ଜବରଦସ୍ତ ମେଶିନ ଓ ହାଇୱା ଗାଡି ନେଇଗଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚନ୍ଦନପୁର ଗ୍ରାମବାସୀ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକ ମୃତ

**ଢେଙ୍କାନାଳ ଅଫିସ, ୩।୧୨:** ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁର ପାସେଞ୍ଜର ହଲ୍ଟ ନିକଟରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଏକ ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ସଅରସାହି ଅଞ୍ଚଳର ପ୍ରତାପ ଚନ୍ଦ୍ର ପ୍ରଧାନ (୪୦)। ରେଲୱେ ପୋଲିସ ଘଟଣାର ତଦନ୍ତ କରୁଛି। ଟ୍ରେନ୍ ଧକ୍କାରେ ପ୍ରତାପଙ୍କ ଡାହାଣ ଗୋଡ଼ ଛିଣ୍ଡି ଯାଇଥିଲା। ଗୁରୁତର ଅବସ୍ଥାରେ ଇଞ୍ଜିନ ଚାଳକ ତାଙ୍କୁ ଉଦ୍ଧାର କରି ମୁଖ୍ୟ ଷ୍ଟେଶନକୁ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ପୃଥକ୍ ଦୁର୍ଘଟଣା ୨ ଗୁରୁତର

**କାମାକ୍ଷାନଗର, ୩।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ପୃଥକ୍ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ହୋଇଛନ୍ତି। କଙ୍କଡାହାଡ଼ ବ୍ଲକ ଦେହୁରୀହତା ଗ୍ରାମର ଜିତୁ ସାହୁ (୨୮) ବାଇକ୍‌ରେ ତାରିଣୀପଶିରୁ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ସେହିପରି ବାଘୁଆ ଗାଁର ବଳରାମ ପଧାନ ବାଟଗାଁରୁ ଘରକୁ ଫେରୁଥିବାବେଳେ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ପ୍ରଥମେ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଳରାମଙ୍କୁ ଢେଙ୍କାନାଳ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଜିତୁଙ୍କ ଅବସ୍ଥା ମଧ୍ୟ ଗୁରୁତର ରହିଛି। ହେଲେ ଚିକିତ୍ସାଳୟରେ ଆମ୍ବୁଲାନ୍ସ ନ ଥିବାରୁ ତାଙ୍କୁ ସ୍ଥାନାନ୍ତରରେ ସମସ୍ୟା ସୃଷ୍ଟି ହୋଇଛି। ଖବର ଲେଖାଯିବା ସୁଦ୍ଧା ସେ କାମାକ୍ଷାନଗର ଚିକିତ୍ସାଳୟରେ ଥିଲେ।

### ଓକିଲ ଦିବସ ପାଳିତ



**ପରଜଙ୍ଗ, ୩।୧୨(ଡି.ଏନ୍.ଏ.):** ପରଜଙ୍ଗ ବାର୍ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ୧୩୫ତମ ଜୟନ୍ତୀ ଅବସରରେ ଓକିଲ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଅଶୋକ ଦଳବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଦୀପ ସାହୁ, ବିନୋଦ ସାହୁ, ସଦାଶିବ ମଲ୍ଲିକ, ନିରଞ୍ଜନ ସାହୁ, ସରକାରୀ ଓକିଲ ସନ୍ତୋଷ ସାହୁ, ସନତ ସାହୁ ପ୍ରମୁଖ ଉପସ୍ଥିତ ରହି ରାଜେନ୍ଦ୍ର ପ୍ରସାଦଙ୍କ ଜୀବନାଦର୍ଶ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ବେଣୁଧର ସାହୁ ଧନ୍ୟବାଦ ଦେଇଥିଲେ।

### ପଥର ବୋଝେଇ ଟ୍ରକ୍ ଜବତ

**ଢେଙ୍କାନାଳ ଅଫିସ, ୩।୧୨:** ଢେଙ୍କାନାଳ ସଦର ଥାନା ମାଣିପୁର ରାଜସ୍ୱ ସର୍କଲର ଦେଓପଡ଼ା ଗ୍ରାମ ନିକଟରୁ ମଙ୍ଗଳବାର ଅପରାହ୍ନରେ ଏକ ପଥର ଟ୍ରକ୍ (ନଂ. ଓଆର୍ ୦୪ ଏ ୨୦୮୮) ଜବତ କରାଯାଇଛି। ଗାଡ଼ି ମାଲିକଙ୍କଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ରାଜସ୍ୱ ଅଧିକାରୀ ମନୋଜ ମାଝି, ତହସିଲଦାର ଲକ୍ଷ୍ମଣ ଦଳେଇ ପ୍ରମୁଖ ସାମିଲ ହୋଇଥିଲେ।

### ଛାତ୍ରୀଙ୍କୁ ଟଣାଓଟରା, ୨ ଗିରଫ

**ଧାମନଗର, ୩।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅନ୍ତର୍ଗତ ନସଲାପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଟ୍ୟୁଶନ ଯାଉଥିବା ଜଣେ ଛାତ୍ରୀଙ୍କୁ ଗତ ୧ ତାରିଖରେ ଦୁଇଜଣ ଯୁବକ ଟଣାଓଟରା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ନସଲାପୁର ଗ୍ରାମର ତପୁ ମହାଳିକ ଏବଂ ଦୀପୁ ମହାଳିକଙ୍କୁ ପୋଲିସ ଗିରଫ କରିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏଏସଆଇ ଧୃତରାଷ୍ଟ୍ର ମଲ୍ଲିକ ସୂଚନା ଦେଇଛନ୍ତି।

■ଜିଲା କୃଷି ନିର୍ଦ୍ଧାରଣ ବୈଠକ

# ୯୭,୯୫୦ ହେକ୍ଟରରେ ରବି ଚାଷ ପ୍ରସ୍ତାବ

■ଡାଲି, ତୈଳବୀଜ ଫସଲ ଉପରେ ଗୁରୁତ୍ୱ

■୩୫,୩୮୯ ହେକ୍ଟର ଜମିକୁ ମାଡ଼ିବ ପାଣି

**ଢେଙ୍କାନାଳ ଅଫିସ, ୩।୧୨**



ଜିଲା କୃଷି ନିର୍ଦ୍ଧାରଣ ବୈଠକ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର କୃଷି ନିର୍ଦ୍ଧାରଣ ବୈଠକ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରବି ଚାଷ ପାଇଁ ଆବଶ୍ୟକ ପଦକ୍ଷେପ, ଫସଲ ଖସଡ଼ା ପ୍ରସ୍ତୁତି, ଜଳସେଚନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ୯୭,୯୫୦ ହେକ୍ଟର ଜମିରେ ରବି ଫସଲ କରାଯିବାକୁ ପ୍ରସ୍ତାବ ରଖାଯାଇଛି। ୩୫,୩୮୯ ହେକ୍ଟର ଜମିକୁ ଜଳସେଚନ ପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଛି। ଜଳସେଚନ, ଜମିର ଉର୍ବରତାକୁ ଦୃଷ୍ଟିରେ ରଖି ଡାଲି, ତୈଳବୀଜ, ଆଖୁ ଏବଂ ପରିବା ଚାଷ ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା।

ଚଳିତବର୍ଷ ୭୦୦ ହେକ୍ଟରରେ ଧାନ, ୫୩,୪୦୦ ହେକ୍ଟରରେ ଡାଲିଜାତୀୟ ଫସଲ, ୧୫,୨୫୦ ହେକ୍ଟରରେ ତୈଳବୀଜ, ୨୨,୫୦୦ ହେକ୍ଟର ଜମିରେ ପରିବା, ୪,୯୫୦ରେ ମସଲା ଜାତୀୟ, ୮୦୦ ହେକ୍ଟରରେ ଆଖୁ ଚାଷ କରିବାକୁ ଯୋଜନା କରାଯାଇଛି। ଚାଷୀଙ୍କ ନିକଟରେ ଠିକ୍ ସମୟରେ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି ପହଞ୍ଚାଇବା, ପ୍ରାଥମିକ ସମବାୟ ସମିତିରେ ବିହନ ଓ ସାର ଗଚ୍ଛିତ ରଖିବା, ଜଳସେଚିତ ଜମିରେ ଧାନ ପରିବର୍ତ୍ତେ ଡାଲି ଓ ତୈଳବୀଜ ଜାତୀୟ ଫସଲକୁ ପ୍ରାଧାନ୍ୟ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ରବି ଋତୁ ପାଇଁ ଜାତୀୟକରଣ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କ ଜରିଆରେ ଚାଷୀଙ୍କ ଲାଗି ୫୦,୯୭୫ ଲକ୍ଷ ଟଙ୍କାର ଋଣ ବ୍ୟବସ୍ଥା କରାଯାଇଥିବା ନାବାର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରାଙ୍କ ସମେତ କୃଷି ବିଭାଗ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ମରଣିକା 'ସ୍ମୃତିଶିଖା' ଉନ୍ମୋଚିତ



**ଢେଙ୍କାନାଳ ଅଫିସ, ୩।୧୨**

ଯୋରନ୍ଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ରାଉତଙ୍କ ୨୫ତମ ପୁଣ୍ୟତିଥି ଅବସରରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିକୃତି ଜାମୁସରାଠାରେ ସୋମବାର ଅନାବରଣ ହୋଇଛି। ଅତିଥି ଭାବେ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଶିକ୍ଷାବିତ୍ ତମ୍ବରୁଧର ବେହେରା, ଗବେଷକ ଡ.ଉଦ୍ଧବ ଚରଣ ନାୟକ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ରଥ, ମହିମା ସମାଜର ମୁଖ୍ୟ ବାବା ନିତ୍ୟାନନ୍ଦ ଦାସ, ବିପିନ ବିହାରୀ ସିଂ ପ୍ରମୁଖ ଇନ୍ଦ୍ରମଣିଙ୍କ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରରେ ସ୍ୱର୍ଗତ ରାଉତଙ୍କ ସ୍ମୃତିରେ ସ୍ମରଣିକା 'ସ୍ମୃତିଶିଖା' ଉନ୍ମୋଚିତ ହୋଇଥିଲା। ଏଥିସହ ଆଡିଣ୍ଡାର କୁମର ପ୍ରଧାନ, ମଧୁସୂଦନ ସେଠୀ, ଗତିକୃଷ୍ଣ ବାରିକ, ପୁରୁଷୋତ୍ତମ ମହାନ୍ତି, ଯୋରନ୍ଦାର ଡା. ପ୍ରମୋଦ କୁମାର ଜାଲି, କାବେରାର ଯୋଗୀନାଥ ରାଉଳ, ଦଧିସିଙ୍ଗାର ଗଙ୍ଗାଧର ରଣା, ନୁଠୁଆର ଦାଶରଥି ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇନ୍ଦ୍ରମଣି ସ୍ମୃତି ସଂସଦର ସମ୍ପାଦକ ଯୁଧିଷ୍ଠିର ମହାନ୍ତି, ଆବାହକ ସୁଧାଂଶୁ ଶେଖର ରାଉତ, ଶିକ୍ଷାବିତ୍ ଶଙ୍କର୍ଷଣ ଶତପଥୀ, ରବିନାରାୟଣ ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବାହ୍ନ ୧୦ଟାରେ ବଡଜେନା ସାହିତ୍ୟ ସଂସଦ ଆନୁକୂଲ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ରଶ୍ମିତା ରାଉତ, ନେତ୍ରାନନ୍ଦ ରାଉତ ଏହାକୁ ସଂଯୋଜନା କରିଥିବାବେଳେ ବହୁ କବୟିତ୍ରୀକବି ନିଜସ୍ୱ କବିତା ପାଠ କରିଥିଲେ। ନିରୋଦ ଚନ୍ଦ୍ର ସାମଲ ଭକ୍ତି ସଙ୍ଗୀତ ପରିବେଷଣ କରିଥିବାବେଳେ ପ୍ରସନ୍ନ ରାଉତ, ଅନ୍ତର୍ଯ୍ୟାମୀ ମଲ୍ଲିକ ସହଯୋଗ କରିଥିଲେ।

## ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀ


ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ଦିଆଯାଉଛି।

**ଢେଙ୍କାନାଳ ଅଫିସ, ୩।୧୨**

ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ମହାବିଦ୍ୟାଳୟରେ ୨ ସପ୍ତାହ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ୬୦ଜଣ ଛାତ୍ରୀଙ୍କୁ ଦୁଇଟି ଗ୍ରୁପ୍‌ରେ ତାଲିମ ଦିଆଯାଇଥିଲା। ଅକ୍ଷିମା ପ୍ରିୟଦର୍ଶିନୀ, ଲୋପାମୁଦ୍ରା ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସମରେନ୍ଦ୍ର ସିଂ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ସଂଯୋଜକ ଦୁର୍ଗାମାଧବ ପାଣିଗ୍ରାହୀ, ସଂଯୋଜକ ଚିରଞ୍ଜୀବ ବୋଷ ଏହାକୁ ପରିଚାଳନା କରିଥିଲେ।

## ଛାତ୍ରଙ୍କୁ ମାଡ଼ ଅଭିଯୋଗ

**ଢେଙ୍କାନାଳ ଅଫିସ, ୩।୧୨**

ଶ୍ରେଣୀ ପ୍ରକୋଷ୍ଠର ଫ୍ୟାନ ସୁଇଚ୍ ଭାଙ୍ଗିଯିବାରୁ ଜଣେ ଛାତ୍ରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏପରି ଅଭିଯୋଗ ଆଣିଛନ୍ତି ବ୍ରଜନାଥ ବଡ଼ଜେନା ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ରାଜ ବାରିକ। ଏ ନେଇ ସେ ମଙ୍ଗଳବାର ଡିଇଓ ଏବଂ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏତଲାରେ ଦର୍ଶାଯାଇଛି, ରାଜ ଶ୍ରେଣୀଗୃହରେ ପରୀକ୍ଷା ହେଉଥିଲେ। ଏହି ସମୟରେ ଫ୍ୟାନ ସୁଇଚ ବୋର୍ଡ ଭାଙ୍ଗିଯାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କ ଗାଲକୁ ଚାପୁଡ଼ା ମାରିଥିଲେ। ଫ୍ୟାନ ସୁଇଚ୍ ଭାଙ୍ଗିଥିବାରୁ ୫୦୦ ଟଙ୍କା ଫାଇନ ଦେବାକୁ କହିଥିଲେ। ଅନ୍ୟପଟେ ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଶ୍ରେଣୀଗୃହକୁ ଭଙ୍ଗାରୁଜା କରିବା ସହିତ ମହାପୁରୁଷଙ୍କ ଫଟୋଚିତ୍ରରେ ଗାର ପକାଇ ନଷ୍ଟ କରାଯାଇଛି। ପୋଲିସକୁ ଡାକି ସେ ଏହାକୁ ଦେଖାଇଛନ୍ତି। ବୁଧବାର ଅଭିଭାବକଙ୍କୁ ଡାକି ଆଲୋଚନା କରାଯିବ। ଡିଇଓ ସୁଧାନନ୍ଦ ପରିଡ଼ା କୁହନ୍ତି, ଘଟଣା ସମ୍ପର୍କରେ ସେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହିତ କଥା ହୋଇଛନ୍ତି। ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ କୁହନ୍ତି, ଅଭିଯୋଗ ପରେ ୩୬୮/୧୯, ଦଫା ୩୪୧, ୨୯୪, ୩୨୩ରେ ମାମଲା ରୁଜୁ କରାଯାଇଛି।

## ସେଣ୍ଟ ଜାଭିୟର୍ସରେ ଫିଟ୍‌ଇଣ୍ଡିଆ ସପ୍ତାହ


ଛାତ୍ରୀଛାତ୍ରମାନେ ପ୍ରାଣାୟାମ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୩।୧୨**

ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍ ପରିସରରେ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ପାଇଁ ସୋମବାରଠାରୁ ଆରମ୍ଭ ହୋଇଛି ଫିଟ୍‌ନେସ୍ ସପ୍ତାହ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ସ୍ୱାସ୍ଥ୍ୟ ପାଇଁ ବ୍ୟାୟାମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।

୬ଦିନ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ବ୍ୟାୟାମ, ଏରୋବିକ୍ସ, ନୃତ୍ୟ, କୁଇଜ, ପ୍ରବନ୍ଧ, ଚିତ୍ରାଙ୍କନ, କ୍ରୀଡ଼ା କସରତ, ଫିଟ୍‌ନେସ୍ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ପ୍ରଦାନ କରାଯିବ। ପ୍ରଥମ ଦିବସରେ ଯୋଗଗୁରୁ ପ୍ରଳୟ କୁମାର ଦାସ ଉପସ୍ଥିତ ରହି ଯୋଗଶିକ୍ଷା ପ୍ରଦାନ କରିଥିଲେ। ମହମ୍ମଦ କାଫିଲ୍, ସନାତନ, ଜିତିନ୍, ତପନ ସ୍ୱାଇଁ, ପ୍ରଶିକ୍ଷକ ସୌମ୍ୟବ୍ରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗ ଦେଇଥିଲେ।

## ପୀଡ଼ିତାଙ୍କୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ ଜାଳିଲେ


ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଜାଳିଛନ୍ତି।

**କାମାକ୍ଷାନଗର, ୩।୧୨(ଡି.ଏନ.ଏ.)**

ହାଇଦ୍ରାବାଦ ବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ମଙ୍ଗଳବାର ସନ୍ଧ୍ୟାରେ କାମାକ୍ଷାନଗର କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଜାଳିଛନ୍ତି। ଏଥିସହ ପିଲାମାନେ ନୀରବ ପ୍ରାର୍ଥନା କରି ତାଙ୍କ ଅମରାତ୍ମାର ସଦ୍‌ଗତି କାମନା କରିଥିଲେ।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ କହିଲେ, ଏପରି ଜଘନ୍ୟ ଘଟଣାରେ ନାବାଳକଙ୍କ ସମ୍ପୃକ୍ତି ରହୁଛି। ଶିକ୍ଷାବିତ୍‌ମାନେ ଏହାର ତର୍ଜମା କରିବା ଆବଶ୍ୟକ। ସାମ୍ପ୍ରତିକ ପରିସ୍ଥିତିକୁ ନଜରରେ ରଖି ତଦନୁଯାୟୀ ପାଠ୍ୟକ୍ରମ ଯୋଡ଼ାଗଲେ ଅପରାଧ ରୋକାଯାଇପାରନ୍ତା। ଯୋଗଗୁରୁ ରବିନାରାୟଣ ସାହୁ ଯୋଗଶିକ୍ଷା, ଦୃଷ୍ଟାନ୍ତମୂଳକ ଦଣ୍ଡବିଧି ଉପରେ ଗୁରୁତ୍ୱାରୋପ କରିଥିଲେ। ରାକେଶ ଦେହୁରୀ, ରୀତେଶ ବ୍ରହ୍ମା, ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ସୁରେଶ ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ନିରଞ୍ଜନ ସାହୁ, ନିର୍ମଳ ମହାନ୍ତି, ରବିନାରାୟଣ ସାହୁ, ସନ୍ତୋଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

■ସରୋଜଙ୍କ ସଚ୍ଚୋଟପଣିଆ

## ପାଇଥିବା ଟଙ୍କା, ଗହଣା ଫେରାଇଲେ

**କାମାକ୍ଷାନଗର, ୩।୧୨(ଡି.ଏନ.ଏ.)**


ସରୋଜ କୁମାର ବାରିକ।

ଡ୍ରାଇଭରଙ୍କ ସାମାନ୍ୟତମ ଭୁଲ ଯୋଗୁ ତାଙ୍କ ହାତରେ ଲାଗିଥିଲା ଟଙ୍କା, ଅଳଙ୍କାର ଭର୍ତ୍ତି ବ୍ୟାଗ୍। ଚାହିଁଥିଲେ ଏହାକୁ ରଖିଦେଇପାରନ୍ତେ ନିଜ ପାଖରେ। ହେଲେ ଏହା ତାଙ୍କୁ ପାପବୋଧ ହେଲା। ତେଣୁ ସେ ଫେରାଇଦେଲେ ସେସବୁକୁ। ସାମନ୍ୟ ଲୋଭରୁ ମଣିଷ ମଣିଷର ଜୀବନ ନେବାକୁ ପଛାଉ ନ ଥିବାବେଳେ ପାଇଥିବା ଧନକୁ ପ୍ରକୃତ ମାଲିକଙ୍କୁ ଫେରାଇ ଦେଇ ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି କାମାକ୍ଷାନଗର ଇଲେକ୍ଟ୍ରି ଛକରେ ସେଲୁନ୍ କରି ପେଟ ପୋଷୁଥିବା ଯୁବକ ସରୋଜ କୁମାର ବାରିକ ଓରଫ୍ ଲିଟୁ (୨୬)।

ସମ୍ପୂର୍ଣ୍ଣ ଘଟଣା ଏହିପରି, ସରୋଜଙ୍କ ଘର କାମାକ୍ଷାନଗର ଏନଏସି ଅଧୀନ ଆଳତୁମା ଗ୍ରାମରେ। ଜଣେ ସମ୍ପର୍କୀୟଙ୍କ ଦେହ ଅସୁସ୍ଥ ଥିବାରୁ ସୋମବାର ସେ କେନ୍ଦୁଝରେ ଆସୁଥିବା ଏକ ବସ୍‌ରେ କଟକରୁ ଔଷଧ ମଗାଇଥିଲେ। ସେହି ବସ୍‌ରେ କଟକରେ ରହି ନର୍ସ ଭାବେ କାମ କରୁଥିବା ଜଣେ ମହିଳା ନିଜ ଘର ଗଡ଼ପଳାଶୁଣୀକୁ ନଗଦ ୧୦ ହଜାର ଟଙ୍କା ସହ କିଛି ଅଳଙ୍କାର ପଠାଇଥିଲେ। ହେଲେ ବସ୍‌ର ଡ୍ରାଇଭର ଅଜାଣତରେ ମହିଳାଙ୍କ ବ୍ୟାଗକୁ ସରୋଜଙ୍କୁ ଦେଇ ଦେଇଥିଲେ। ସରୋଜ ବ୍ୟାଗ୍ ଖୋଲି ଦେଖିବା ପରେ ଘଟଣା ଜାଣି ପାରିଥିଲେ। ନର୍ସଙ୍କ ପରିବାର ଟଙ୍କା, ଗହଣା ଥିବା ବ୍ୟାଗ୍ ନ ପାଇ ୬୦ କିମି ଦୂର କାମାକ୍ଷାନଗର ଆସି ଛାନଭିନ୍ କରିଥିଲେ। କାଳେ କୌଣସି ଔଷଧ ଦୋକାନୀ ହାତରେ ଉକ୍ତ ବ୍ୟାଗ ଲାଗିଥିବ ଭାବି ସେମାନେ ପଚରାଉଚୁରା କରି ନିରାଶରେ ଘରକୁ ଫେରିଥିଲେ। ସରୋଜ ମହିଳାଙ୍କ ଭାଇ ଲିଟୁ ସିଂଙ୍କ ସହ ଯୋଗାଯୋଗ କରି ଟଙ୍କା, ଗହଣା ଭର୍ତ୍ତି ବ୍ୟାଗ୍ ଫେରାଇଥିଲେ। ହଜି ଯାଇଥିବା ବ୍ୟାଗ୍ ମିଳିବା ପରେ ଲିଟୁ ଇଲେକ୍ଟ୍ରି ଛକରେ ଥିବା ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏଥିସହ ସରୋଜଙ୍କ ସଚ୍ଚୋଟ ପଣିଆକୁ ସେ ପ୍ରଶଂସା କରିଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ